# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 April - 2026

**************************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ  ଯୋଗଦାନ ପ୍ରସଙ୍ଗକୁ ନେଇ ରାଜ୍ୟ ବିଧାନସଭାରେ ଜାରି ରହିଛି ସ୍ୱତନ୍ତ୍ର ଅଧିବେଶନ
- ଭୁବନେଶ୍ୱରରେ ଚାଲିଥିବା ଶାସନ ପାଇଁ ପ୍ରଶାସନିକ ତଥ୍ୟର ସମନ୍ୱୟ ଜାତୀୟ ସମ୍ମିଳନୀ ଆଜି ହେବ ଉଦ୍‌ଯାପିତ
- ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ ଆଜି ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ନୃସିଂହ ଜନ୍ମନୀତି

ଏବଂ

- କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୯ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

BBSR/R

# ସ୍ୱତନ୍ତ୍ର ଅଧିବେଶନ

ରାଜ୍ୟ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଜାରି ରହିଛି। ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ଶୀର୍ଷକ ପ୍ରସଙ୍ଗରେ ଗୃହରେ ଆଲୋଚନା ଚାଲିଛି। ଆଲୋଚନା ଆରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାଜର ବିଭିନ୍ନ କ୍ଷେତ୍ରର ମହିଳାଙ୍କ ଯୋଗଦାନ ଉପରେ ଆଲୋକପାତ କରିଛନ୍ତି। ସମ୍ବିଧାନର ପ୍ରଣୟନ ହେବାର ୭୫ ବର୍ଷ ପୂରଣ ହୋଇସାରିଥିଲେ ମଧ୍ୟ ଦେଶର ଜନସଂଖ୍ୟାର ଅର୍ଦ୍ଧେକ ଅର୍ଥାତ୍ ମହିଳାମାନଙ୍କୁ ପ୍ରକୃତ ମର୍ଯ୍ୟାଦା ପ୍ରଦାନ କରାଯାଇପାରିବ। ଗତ ଦଶନ୍ଧି ଧରି ବିଭିନ୍ନ ରାଜନୈତିକ ଦଳ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରୁଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ଆନ୍ତରିକତାର ଅଭାବ ଦେଖାଦେଉଛି। ବିରୋଧୀ ଦଳଙ୍କ ଅସହଯୋଗ ଯୋଗୁଁ ମହିଳା ସଂରକ୍ଷଣ ସମ୍ପର୍କିତ ବିଲ୍ ଲୋକସଭାରେ ପାରିତ ହୋଇପାରିନାହିଁ। ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ମହିଳାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିବାକୁ ସରକାର ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ମହିଳାଙ୍କୁ ସଶକ୍ତ କରିବା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗତ ଦଶନ୍ଧି ମଧ୍ୟରେ ମହିଳାଙ୍କ ଜୀବନଧାରଣରେ ବ୍ୟାପକ ପରିବର୍ତ୍ତନ ଆସିଛି। ବିଭିନ୍ନ କ୍ଷେତ୍ରରେ ସଂସ୍କାର

ମୂଳକ ପଦକ୍ଷେପର ଏହା ହେଉଛି ପ୍ରତିଫଳନ। ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାଥମିକ ଶିକ୍ଷାରେ ପାଖାପାଖି ୬୦ ପ୍ରତିଶତ ଶିକ୍ଷୟିତ୍ରୀ ରହିଥିବା ବେଳେ ଉଚ୍ଚଶିକ୍ଷା କ୍ଷେତ୍ରରେ ୪୫ ପ୍ରତିଶତ ହେଉଛନ୍ତି ଅଧ୍ୟାପିକା। ରାଜ୍ୟରେ ମହିଳାଙ୍କ ସଶକ୍ତୀକରଣ ନେଇ ସରକାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହିତ ଲକ୍ଷପତି ଦିଦି, ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା, ପୋଷଣ ଅଭିଯାନ ଆଦି ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟ ନେଇ ତୃଣମୂଳ ସ୍ତରରେ ନାରୀ ଅଦାଲତ ଗଠନ କରାଯାଇଛି। ପୋଷଣ ଅଭିଯାନ ଅଧୀନରେ ଗତ ମାର୍ଚ୍ଚ ସୁଦ୍ଧା ୧୪୪ କୋଟି ଟଙ୍କା ବ୍ୟୟରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ପୁଷ୍ଟି ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ ହୋଇଛି। ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ତୋଳିବା ସରକାରଙ୍କ ଲକ୍ଷ୍ୟ। ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ମହିଳାଙ୍କ ସଶକ୍ତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଆଲୋଚନାରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସଂସଦ ଏବଂ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ମହିଳାଙ୍କ ଅଧିକାର। ମହିଳାଙ୍କ ଅଂଶଗ୍ରହଣ ବିନା ଦେଶର ପ୍ରଗତି ସମ୍ଭବ ହୋଇପାରିବ ନାହିଁ। ଶିକ୍ଷା, ଅର୍ଥନୀତି, ରାଜନୀତି କ୍ଷେତ୍ରରେ ମହିଳାଙ୍କ

ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି। ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବାକୁ ନାରୀଶକ୍ତି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ଆଲୋଚନା ଅସମାପ୍ତ ରହିଥିବା ବେଳେ ବାଚସ୍ପତି ସୁରମା ପାଢ଼ି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

Desk

## ଦୁଇଦିନିଆ ଜାତୀୟ ସମ୍ମିଳନୀ

ଭୁବନେଶ୍ୱରଠାରେ ଚାଲିଥିବା ଶାସନ ପାଇଁ ପ୍ରଶାସନିକ ତଥ୍ୟର ସମନ୍ୱୟ ପ୍ରସଙ୍ଗ ଭିତ୍ତିକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହେଉଛି। ଡିଜିଟାଲ ଯୁଗରେ ପ୍ରଶାସନିକ ତଥ୍ୟର ସମନ୍ୱୟ ରକ୍ଷା ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ତ୍ୱରିତ ସେବା ପହଁଞ୍ଚାଇବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ସମ୍ମିଳନୀ ଏ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ। ସ୍ୱଚ୍ଛତା ଏବଂ ତଥ୍ୟର ସଠିକ୍

ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାରେ ଏହି ସମ୍ମିଳନୀ ସହାୟକ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ସମନ୍ୱିତ ଡାଟାବେଶ୍ ପ୍ରସ୍ତୁତିରେ ଉନ୍ନତି ଆଣିବାରେ ଏହି ସମ୍ମିଳନୀର ନିର୍ଯ୍ୟାସ ଉଲ୍ଲେଖନୀୟ ସାବ୍ୟସ୍ତ ହେବ। ସମୟସୀମା ବଦ୍ଧ କାର୍ଯ୍ୟଗ୍ରହଣ ପଦକ୍ଷେପକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ। ସମନ୍ୱିତ ତଥ୍ୟ ଆଧାରରେ ନିରନ୍ତର ବୃଦ୍ଧି ଏବଂ ଏକ ସକ୍ଷମ ଅନୁକୂଳ ଇକୋସିଷ୍ଟମ ବିକଶିତ କରିବା ସମ୍ଭବ ହୋଇପାରିବ।

Desk

## ହେରିଟେଜ୍ ସାଇଟ୍ ଅନୁମୋଦନ

ରେଢ଼ାଖୋଲ ‘ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍’ ସାମଗ୍ରୀକ ବିକାଶ ପାଇଁ ୮ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାକୁ କେନ୍ଦ୍ର ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରକଳ୍ପ ମାଧ୍ୟମରେ ପ୍ରବେଶ ପଥ, ସେତୁ, ଭ୍ୟୁ ପଏଣ୍ଟ, ସୌରଶକ୍ତି ବ୍ୟବସ୍ଥା ଏବଂ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ବିଶ୍ରାମ ଗୃହ ନିର୍ମାଣ କରାଯିବ। ଏହି ପଦକ୍ଷେପ ଐତିହ୍ୟ ସମ୍ପନ୍ନ ଭୀମ ମଣ୍ଡଳୀର ଇତିହାସକୁ ସୁଦୂର ପ୍ରସାରୀ କରାଇବା ସହ ସମ୍ବଲପୁରର ପର୍ଯ୍ୟଟନ ଶିଳ୍ପକୁ ଅଧିକ ସୁଦୃଢ଼ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏହି ପ୍ରକଳ୍ପ ନୂଆ ସୁଯୋଗ ସୃଷ୍ଟି କରିବ।

ଯାହା ଅଞ୍ଚଳର ସାମାଜିକ ଓ ଆର୍ଥିକ ବ୍ୟବସ୍ଥାକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

Puri

## ନୃସିଂହ ଜନ୍ମ

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ ଶୁକ୍ଲ ଚତୁର୍ଦ୍ଦଶୀ ଓ ନୃସିଂହ ଚତୁର୍ଦ୍ଦଶୀ ଅବସରରେ ନୃସିଂହ ଜନ୍ମ ନୀତି ପାଳନ କରାଯିବ। ଚନ୍ଦନ ଯାତ୍ରାରୁ ଠାକୁର ଫେରିବା ପରେ ପଞ୍ଚାମୃତ ମହାସ୍ନାନ, ଅଳଙ୍କାର, ପୂଜାର୍ଚ୍ଚନା ଓ ବିଭିନ୍ନ ପାରମ୍ପରିକ ନୀତି ସମ୍ପାଦନ ହେବ । ବିଜେ ନୃସିଂହଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ନିଆଯାଇ ଭୋଗ ବନ୍ଦାପନା ପରେ ଶ୍ରୀମନ୍ଦିରକୁ ବାହୁଡ଼ା କରାଯିବ । ରଥଖଳାରେ ଆଜି ରୂପକାର ସେବକଙ୍କଦ୍ୱାରା କୋଣଗୁଜ ଅନୁକୂଳ ଓ ଭୋଇ ସେବକଙ୍କଦ୍ୱାରା ଯନ୍ତାଗାଡ଼ ଖୋଳା ପରମ୍ପରା ଆରମ୍ଭ ହେବ ।

Nuapada

## ଜଙ୍ଗଲ ଅଧିକାର କମିଟି ବୈଠକ

ନୂଆପଡ଼ା ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ

ଅଧିକାର ଆଇନ-୨୦୦୬ ଆଧାରରେ ୧ ହଜାର ୧୫୦ଟି ବ୍ୟକ୍ତିଗତ ଦାବି ଉପରେ ଆଲୋଚନା କରାଯାଇଛି। ସେଥିମଧ୍ୟରୁ ୭୯୪ଟିକୁ ନାମଞ୍ଜୁର କରାଯାଇଥିବା ବେଳେ ୧୬୨ଟି ଅନୁମୋଦନ କରାଯାଇଛି। ୧୯୪ଟି ଦାବି ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ ଜମି ସମ୍ପର୍କିତ ହୋଇଥିବାରୁ ଏହା ଉପରେ ଆଲୋଚନାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ୬ଟି ଗୋଷ୍ଠୀ ଜଙ୍ଗଲ ଅଧିକାର ଦାବି ମଧ୍ୟରୁ ଦୁଇଟିକୁ ମଞ୍ଜୁରି ମିଳିଥିବାବେଳେ ଦୁଇଟିକୁ ନାକଚ କରାଯିବା ସହ ଅନ୍ୟ ଦୁଇଟି ଉପରେ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି।

BHK

## ଆଲୋଚନା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତିହିଡ଼ି ଶାନ୍ତି ଆଶ୍ରମଠାରେ ପୋସ୍ ଆଇନ୍ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ଥିବା ଯୋଜନା ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାଙ୍କ ପାଇଁ ଆଇନ ସହାୟତା, ସରକାରଙ୍କ ବିଭିନ୍ନ ଯୋଜନା ଓ ଥଇଥାନ ପ୍ରକ୍ରିୟା ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି।

Nuapada

## ଖାଦ୍ୟ ସାମଗ୍ରୀ ବଣ୍ଟନ

ନୂଆପଡ଼ା ଜିଲ୍ଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ ପଦକ୍ଷେପର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ ଏଥିରେ ଯୋଗଦେଇ ୩ ହଜାର ୨୦୦ ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର କିଟ୍ ବଣ୍ଟନ କରିଛନ୍ତି । ରୋଗୀଙ୍କ ସମେତ ତାଙ୍କ ପରିବାରର ଅନ୍ୟ ତିନିଜଣ ସଦସ୍ୟଙ୍କୁ ଏହି ପୁଷ୍ଟିକର କିଟ୍ ବଣ୍ଟନ କରାଯାଇଥିବା ଜଣାପଡ଼ିଛି । ଯୋଜନା ଅନୁଯାୟୀ, ଦେଶବ୍ୟାପୀ ୩ ଲକ୍ଷ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ କିଟ ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

Boudh

## ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୋସ୍ ଆଇନ-୨୦୧୩ ଓ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ପ୍ରତିଷେଧ ଆଇନ-୧୯୮୯ ସମ୍ପର୍କରେ ଆଲୋଚନା କରାଯାଇଛି । ଜିଲ୍ଲା ମୁଖ୍ୟ ନ୍ୟାୟାଧୀଶ ପ୍ରତାପ

କୁମାର ପାତ୍ର, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ବହୁ ପ୍ରଶାସନିକ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ।

Nuapada

## ଆଇନ ସଚେତନତା ଶିବିର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ କୋର୍ଟ ପରିସରରେ ଆଜି ପାରା ଆଇନ ସ୍ୱେଚ୍ଛାସେବୀ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନସେବା ପ୍ରାଧିକରଣ ସହଯୋଗରେ ତାଲୁକସ୍ତରୀୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୨୦ ଜଣ ପାରା ଆଇନ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

Desk

## ଆଇଆଇଏମ୍‌ସି ନାମଲେଖା

ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ–ଆଇ.ଆଇ.ଏମ୍.ସି.-୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ନିମନ୍ତେ ଆବେଦନ ପ୍ରକ୍ରିୟା ଆଜି ଶେଷ ହେଉଛି। କାର୍ଯ୍ୟକ୍ରମରେ ଆକାଂକ୍ଷୀ ସାମ୍ବାଦିକମାନଙ୍କୁ ବୃତ୍ତିଗତ ଦକ୍ଷତା, ନୈତିକ ଆଧାର ଏବଂ ଓଡ଼ିଆ ଭାଷାରେ ଗଣମାଧ୍ୟମ ଅଭ୍ୟାସର ବ୍ୟାପକ ବୁଝାମଣା ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ସ୍ୱୀକୃତି ବିଶ୍ୱବିଦ୍ୟାଳୟରୁ ଯେ କୌଣସି ବିଷୟରେ ସ୍ନାତକ ସମାପ୍ତ କରିଥିବା ୨୫

ବର୍ଷରୁ କମ୍ ବୟସରେ ଇଚ୍ଛୁକ ପ୍ରାର୍ଥୀମାନେ  ଏହି ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ।

PIB

## ସ୍ୱତନ୍ତ୍ର କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଦ୍ୟାଳୟ– ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଓ ରାଇରଙ୍ଗପୁର ସହିତ ମିଳିତ ଭାବେ ଶିକ୍ଷାର୍ଥୀଙ୍କ ପାଇଁ ଆଜି ପ୍ରଥମ ସ୍ୱତନ୍ତ୍ର କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜନ କରୁଛି। 'କ୍ୟାମ୍ପସ୍ ଟୁ କର୍ପୋରେଟ୍' କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷା ଓ ଶିଳ୍ପ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ଏହି ପଦକ୍ଷେପର ମୂଳଲକ୍ଷ୍ୟ। ପୂର୍ବରୁ ଶିଳ୍ପ ବିଶେଷଜ୍ଞଙ୍କ ନେତୃତ୍ୱରେ ୧୦ଟି ସରଂଚିତ ପ୍ରଶିକ୍ଷଣ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ଶିକ୍ଷାର୍ଥୀମାନଙ୍କୁ ଯୋଗାଯୋଗ କୌଶଳ, ବୃତ୍ତିଗତ ଦକ୍ଷତା ଓ କର୍ମକ୍ଷେତ୍ର ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

MET

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ମଧ୍ୟାହ୍ନ ସାଢ଼େ ୨ଟା ସୁଦ୍ଧା ବଲାଙ୍ଗୀରରେ ଦିନର ସର୍ବାଧିକ ତାପମାତ୍ରା  ୪୩ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ

ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିନ ତାପମାତ୍ରା ହ୍ରାସ ପାଇବା ନେଇ ଅନୁମାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରରେ ସର୍ବାଧିକ ୭୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।